## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

**ବ୍ରହ୍ମପୁର ଅଫିସ,୨୪।୭:** ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ନାବାଳକଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଦେବିଝରି ଗ୍ରାମର ଦୀନବନ୍ଧୁ ଶବରଙ୍କ ପୁଅ ମଳୟ(୧୬)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୯୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଳୟ ଘରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଳୟଙ୍କ ମୃତ୍ୟୁ ଘଟିଥିଲା।

### ଯୁବତୀଙ୍କୁ ଅସଦାଚରଣ: ଛାତ୍ର ଗିରଫ

**ବ୍ରହ୍ମପୁର ଅଫିସ,୨୪।୭:** ଜଣେ ଯୁବତୀଙ୍କୁ ଅସଦାଚାରଣ କରିଥିବା ଅଭିଯୋଗରେ ଗୋଷାଣି ନୂଆଗାଁ ପୋଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ନବରଙ୍ଗପୁରର ସାଗର ପାଣିଗ୍ରାହୀ (୨୨)। ମାମଲା ନଂ.୧୨୧/୨୨ରେ ସାଗରଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ସାଗର ବ୍ରହ୍ମପୁରରେ ଏକ ସରକାରୀ କଲେଜରେ ଏମସିଏ ଦ୍ୱିତୀୟ ବର୍ଷର ଛାତ୍ର। ସେ ଗୋଷାଣି ନୂଆଗାଁ ଥାନା ଅଞ୍ଚଳରେ ଘରଭଡା ନେଇ ରୁହନ୍ତି। ଗତବର୍ଷ ସାଗର ଇନଷ୍ଟାଗ୍ରାମ ଜରିଆରେ ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। କୌଶଳକ୍ରମେ ସେ ତାଙ୍କ ଫୋନ ନମ୍ବର ମଧ ନେଇଯାଇଥିଲେ। ପରେ ସାଗର ଫୋନରେ ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରୁଥିଲେ। ଏପରିକି ଦୁଇଦିନ ତଳେ ଯୁବତୀଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ବାହାରକୁ ଆସିବାକୁ ଧମକ ଦେଇଥିଲେ। ସେହିପରି ଯୁବତୀଙ୍କ ସମ୍ପର୍କରେ ଅଶ୍ଳୀଳ ବ୍ୟବହାର କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ଯାହାଫଳରେ ଯୁବତୀ ଓ ତାଙ୍କ ମା' ଭୟଭୀତ ହୋଇ ଘର କବାଟ ବନ୍ଦ କରି ରହିଥିଲେ। ସାଗରଙ୍କ ଏଭଳି କାଣ୍ଡ ଯୋଗୁ ସମ୍ମାନ ହାନି ହୋଇଥିବା ପୀଡ଼ିତାଙ୍କ ମା' ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ରାତିରେ ସାଗରଙ୍କୁ ଗିରଫ କରିଥିଲା।

### ବକ୍ତୃତା, କୁଇଜ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୪।୭:** ରାଷ୍ଟ୍ରବାଦୀ ଶିକ୍ଷକ ସଂଘ ପକ୍ଷରୁ ରବିବାର ସରକାରୀ କୁଇନ ମିଶନ ହାଇସ୍କୁଲ ଠାରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ନଗରସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠ ଠାରୁ ଯୁକ୍ତ ୩ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, କୁଇଜ ପ୍ରତିଯୋଗିତା ହୋଇଥିଲା। ମୋଟ ୫୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଦକ୍ଷିଣ ଓଡ଼ିଶାର ଅବଦାନ, ସ୍ୱାଧୀନତା ସଂଗ୍ରାମରେ ନାରୀଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ଼,ବିଷ୍ଣୁ ପ୍ରସାଦ ଦାଶ, ଡ଼.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ଼.ନିବେଦିତା ପାଢ଼ୀ, ଡ଼.ମନୀଷା ମିଶ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଆସନ୍ତା ଅଗଷ୍ଟ ୭ରେ ହେବାକୁ ଥିବା ଜିଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ।

### ଶଙ୍କର ଚକ୍ଷୁ ଚିକିତ୍ସା ଶିବିର

**ରମ୍ଭା,୨୪।୭:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡିଆଁଡେଇଁ ବାମଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ ପିସ ଭିଲେଜ୍ ଫାଉଣ୍ଡେଶନ, ସାଇବାବା କ୍ଲବ, ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ସହଯୋଗରେ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଆୟୋଜି ହୋଇଥିଲା। ମୁଖ୍ୟଅତିଥି ଭାବେ ବାମଦେବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ର, ସମ୍ମାନୀତ ଅତିଥିଭାବେ ରମ୍ଭାର ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ଆମ୍ଭାର ସଭାପତି ଚନ୍ଦ୍ର ଶେଖର ନାହାକ, ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେଶନର ସଭାପତି ପ୍ରତାପ ନାହାକ, ଶିବରାମ ପାତ୍ର, ସାଇବାବା କ୍ଲବ ସଭାପତି ହେମନ୍ତ ଦାସ, ସମ୍ପାଦକ ସୁକାନ୍ତ କୁମାର ନାହାକ, ଶେଷଦେବ ବେହେରା, ରବିନାରାୟଣ ସେନାପତି, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଶିବିର ପରିଚାଳକ ଚିତ୍ରସେନ ଗୌଡ଼ ଯୋଗଦେଇଥିଲେ। ଶିବିରରେ ଉପସ୍ଥିତ ୨୦୦ ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରିଥିଲେ ଏବଂ ଶିବିରରୁ ୨୩ ଜଣ ଚକ୍ଷୁ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମର ଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି।

# ଗଞ୍ଜାମରୁ ୩ ମହିଳା ଲୋକସଭା ସଦସ୍ୟ

**ବ୍ରହ୍ମପୁର ଅଫିସ,୨୪।୭**

ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ହୋଇଛି ୧୭ ଲୋକ ସଭା ନିର୍ବାଚନ। ଏହି ସମୟ ଭିତରେ ଗଞ୍ଜାମରୁ ବିଜେଡି ଓ କଂଗ୍ରେସରୁ ମାତ୍ର ୩ ମହିଳା ଏମ୍‌ପି ହୋଇଛନ୍ତି। ୧୯୯୮ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ପ୍ରଥମେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ପାରଳା ରାଜା ଗୋପୀନାଥ ଗଜପତିଙ୍କୁ ପରାସ୍ତ କରିଥିଲେ। ୧୯୯୯ ନିର୍ବାଚନରେ ଆସିକାରୁ ବିଜେଡି ଏମ୍‌ପି ହୋଇଥିଲେ ନବୀନ ପଟ୍ଟନାୟକ। ୨୦୦୦ ବିଧାନସଭା ନିର୍ବାଚନରେ ସେ ହିଞ୍ଜିଳିକାଟୁ ଆସନରୁ ଜିତି ରାଜ୍ୟ ମୁଖ୍ୟମନ୍ତ୍ରୀ ହେବାରୁ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଆସିକା ଲୋକ ସଭା ପାଇଁ ହୋଇଥିବା ଉପନିର୍ବାଚନରେ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପତ୍ନୀ କୁମୁଦିନୀ ପଟ୍ଟନାୟକ ବିଜେଡିରୁ ନିର୍ବାଚିତ ହୋଇଥିଲେ। ସେ ଥିଲେ ଜିଲାରୁ ଦ୍ୱିତୀୟ ମହିଳା ଏମ୍‌ପି।

୨୦୧୯ ନିର୍ବାଚନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳନ୍ତି ରାଜନୀତିରେ ମାଷ୍ଟର ଷ୍ଟ୍ରୋକ୍ ଦେଖାଇ ଏସ୍‌ଏଚ୍‌ଜିର ପ୍ରମିଳା ବିଷୋୟୀଙ୍କୁ ପ୍ରାର୍ଥୀ କରି ଚର୍ଚ୍ଚା ସୃଷ୍ଟି କରିଥିଲେ। ତାଙ୍କ ସହ

**ଜଣେ ରାଜ୍ୟ ସଭାକୁ ନିର୍ବାଚିତ**

ଭାଜପାରୁ କୁମୁଦିନୀ ଓ ରାମକୃଷ୍ଣଙ୍କ ଝିଅ ଅନିତା ଶୁଭଦର୍ଶିନୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରମିଳା ପ୍ରାୟ ୪ ଲକ୍ଷରୁ ଅଧିକ ଭୋଟ ପାଇ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ଗାଉଁଲି ମହିଳା ପ୍ରମିଳା ହେଉଛନ୍ତି ଜିଲାର ତୃତୀୟ ମହିଳା ଏମ୍‌ପି। ଯେଉଁଠି ଦେଶର ଆଇନ ଓ ସାମ୍ବିଧାନିକ ପ୍ରଣୟନ ଏବଂ ଆବଶ୍ୟକସ୍ଥଳେ ସଂଶୋଧନ କରାଯାଉଛି, ସେହି ଗଣତନ୍ତ୍ରର ମନ୍ଦିରକୁ ଯାଇଛନ୍ତି ପ୍ରମିଳା। ଜିଲାରୁ ଆଉ ଜଣେ ମହିଳା ରେଣୁବାଳା ପ୍ରଧାନ ୨୦୦୮ରୁ ୨୦୧୪ ଯାଏ ବିଜେଡିରୁ ରାଜ୍ୟ ସଭା ସଦସ୍ୟ ହୋଇଥିଲେ।

ତଥ୍ୟାନୁସାରେ ୧୯୯୬ ଲୋକ ସଭା ନିର୍ବାଚନ ଜିଲା ପାଇଁ ରୋଚକ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ବ୍ରହ୍ମପୁରରୁ କଂଗ୍ରେସରୁ ଲଢ଼ିଥିବା ବେଳେ ଆସିକା କ୍ଷେତ୍ରରୁ ବିଜୁ ପଟ୍ଟନାୟକ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟ ଜାତୀୟ ସ୍ତରର ରାଜନେତା ପାର୍ଲାମେଣ୍ଟକୁ ନିର୍ବାଚିତ ହେଲେ। ନରସିଂହ ରାଓ ଜିତିବା ପରେ ଆଉ ପ୍ରଧାନମନ୍ତ୍ରୀ ହୋଇପାରି ନ ଥିଲେ। ବର୍ଷକ ପରେ ୧୯୯୭ ଏପ୍ରିଲ ୧୭ରେ ବିଜୁ ଆରପାରିକୁ ଚାଲିଗଲେ। ସେଠାରେ ହୋଇଥିବା ଉପ ନିର୍ବାଚନରେ ପୁତ୍ର ନବୀନ ଜନତା ଦଳରୁ ଜିତିବା ସହ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନବୀନ ପିତାଙ୍କ ନାମରେ ଆଞ୍ଚଳିକ ଦଳ ଗଠନ କରି ଲଗାତର ଭାବେ ୫ ଥର ମୁଖ୍ୟମନ୍ତ୍ରୀ ହୋଇ ଜାତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ବିଧାୟିକା ସୁଜ୍ଞାନ କୁମାରୀ ଦେଓ ବହୁବାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ ଲୋକ ସଭା ନିର୍ବାଚନରେ ସେ ଜନତା ଦଳରୁ ବ୍ରହ୍ମପୁର କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ନରସିଂହ ରାଓଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁଜ୍ଞାନ ଲକ୍ଷାଧିକ ଭୋଟରେ ପରାସ୍ତ ହୋଇଥିଲେ।

## ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୪।୭**

ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ୧୪ତମ ବାର୍ଷିକ ଉତ୍ସବ ତଥା ସମ୍ବର୍ଦ୍ଧନା ଉତ୍ସବ ରବିବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ.ବାଞ୍ଛାନିଧି ଦାଶ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଗବେଷକ ଡ.ଅନନ୍ତ ରାମ କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଂ.ଶ୍ରୀକାନ୍ତ ମହାପାତ୍ର, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ଶିକ୍ଷାଗତ ସ୍ତମ୍ଭକାର ଦେବୀପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'ସ୍ମରଣିକା' ଲୋକାର୍ପଣ ହୋଇଥିଲା। ଏଥିସହ ବିଧାୟକ ପଣ୍ଡାଙ୍କୁ ବିଶିଷ୍ଟ ନାଗରିକ ସମ୍ମାନ, ଲେଖକ ଶରତ ଚନ୍ଦ୍ର ଦାସଙ୍କୁ ସାହିତ୍ୟିକ ସମ୍ମାନ, ସମବାୟବିତ ଚନ୍ଦ୍ରଶେଖର ନାୟକଙ୍କୁ ବିଶିଷ୍ଟ ସମାଜସେବୀ ସମ୍ମାନ ଓ ସାହିତ୍ୟିକ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କୁ କବି ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖଲ୍ଲିକୋଟ, ଆଠଗଡ ବିରୁଳି ଗଡଜାତ ଅଞ୍ଚଳର ଚଳିତ ବର୍ଷର ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ଦଣ୍ଡପାଣି ସାହୁ ସ୍ମୃତି ଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଉକ୍ତ ଅଞ୍ଚଳର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀ ମଧୁସ୍ମିତା ଦାସଙ୍କୁ ସ୍ୱର୍ଗତ ତ୍ରିନାଥ ସାମନ୍ତରାୟ ସ୍ମୃତି ପ୍ରଶଂସା ପତ୍ର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ପ୍ରଫୁଲ୍ଲ କୁମାର ନନ୍ଦ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସୁବୁଦ୍ଧିଙ୍କ ସମେତ ସୁବାସ ଚନ୍ଦ୍ର ପଣ୍ଡା, ଭିକାରୀ ମହାପାତ୍ର, ହାଡିବନ୍ଧୁ ମାଳି, ବିଜୟ କୁମାର ପାଢ଼ୀ ଓ ବନ୍ଦନା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଗୁଡ଼ିପଦର ଗ୍ରାମର ଗର୍ଭବତୀଙ୍କୁ ଦୋଳାରେ ନିଆଯାଉଛି।

# ଦୋଳାରେ ଗଲେ ଗର୍ଭବତୀ

**ପାତ୍ରପୁର, ୨୪।୭(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଗୁଡ଼ିପଦର ଗ୍ରାମର ଜଣେ ଗର୍ଭବତୀଙ୍କୁ ରବିବାର ଡାକ୍ତରଖାନା ନେବା ବେଳେ ଆମ୍ବୁଲାନ୍ସରେ ସନ୍ତାନ ଜନ୍ମ ହୋଇଥିବା ଜଣାପଡ଼ିଛି। ଗୁଡ଼ିପଦର ଗ୍ରାମର ଲକ୍ଷ୍ମଣ ଶବରଙ୍କ ପତ୍ନୀ ମୋହିନୀ ତିନିଦିନ ଧରି ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ।

**ଆମ୍ବୁଲାନ୍ସରେ ସନ୍ତାନ ଜନ୍ମ**

ଏହି ଖବର ୱାର୍ଡ ସଭ୍ୟ ମଙ୍ଗଳା ଶବର ଜାଣି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଥିଲେ। ଏହାପରେ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରି କୁରୁଡାଲ ନିକଟରେ ଅଟକି ରହିଥିଲା। ଗୁଡ଼ିପଦରରୁ କୁରୁଡାଲ ପ୍ରାୟ ୬କି.ମି. ରାସ୍ତାକୁ ଗ୍ରାମର ମଙ୍ଗଳା ଶବର, ଲବ ଶବର ଓ ଲକ୍ଷ୍ମଣ ଶବର ଗର୍ଭବତୀଙ୍କୁ ଏକ ଦୋଳାରେ ଆଣିଥିଲେ। ସେଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସରେ ତାଙ୍କୁ ପାତ୍ରପୁର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ସେ ଆମ୍ବୁଲାନ୍ସ ଭିତରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି।

# କଲର ବେଲ୍ଟ ପ୍ରତିଯୋଗିତା

**ଛତ୍ରପୁର,୨୪।୭(ଡି.ଏନ.ଏ.)**

ଛତ୍ରପୁରସ୍ଥିତ କେଏମ୍‌ପି ସ୍ପୋର୍ଟସ ଏକାଡେମୀ ପକ୍ଷରୁ ୨୫ତମ କଲର ବେଲ୍ଟ ପ୍ରତିଯୋଗିତା ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଥିବା ଏକାଡେମୀର ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ବିଭିନ୍ନ ଟାଏକୋଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ରରୁ ୮୨ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଓଡିଶା ଟାଏକୋଣ୍ଡୋ ସଂଘର ସହ ସମ୍ପାଦକ ଆନ୍ତର୍ଜାତିକ କୋଚ କେ. ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗ ଦେଇଥିଲେ। ହୋପ ଟାଏକୋଣ୍ଡୋ ଏକାଡ଼େମୀରୁ ୩୩ ଜଣ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ୪ଜଣ, ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀରୁ ୪ଜଣ, ପୁରୁଷୋତ୍ତମପୁର ଟାଏକୋଣ୍ଡୋ ଏକାଡ଼େମୀରୁ ୫ ଜଣ ଓ ଛତ୍ରପୁର କେଏମ୍‌ପି ସ୍ପୋର୍ଟସ ଏକାଡେମୀରୁ ୩୬ଜଣ ପରୀକ୍ଷାର୍ଥୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଏନଆଇଏସ କୋଚ ଇ ଲଳିତ କୁମାର,ସି ଏଚ ପ୍ରସାଦ ନାୟକ, ବସୁ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପି. ଅଭିମନ୍ୟୁ ରେଡ୍ଡୀ,ପିୟୁସ ପ୍ରସାଦ ଷଡଙ୍ଗୀ, ଶୁଭଶ୍ରୀ ପରିଡା, ତେଜସ୍ୱନୀ, ରାଜା ଦାସ, ରୁନସି ବେହେରା, ଡ଼.ପ୍ରେମ ପ୍ରସାଦ ରେଡ୍ଡୀ ଆୟୁଷ୍ମାନ ସ୍ୱାଇଁ, ଏ.ଚିନା ଅମ୍ବିତ ରାଉଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଯୋଗୀମାନେ।

## ବିରଞ୍ଚି ନାରାୟଣ ମାର୍କେଟ କମ୍ପ୍ଲେକ୍ସ-୨ ଉଦ୍‌ଘାଟିତ

**ବୁଗୁଡା,୨୪।୭(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ପକ୍ଷରୁ ମୁଖ୍ୟ ସଡ଼କ ପାର୍ଶ୍ୱରେ ନିର୍ମିତ ଶ୍ରୀ ବିରଞ୍ଚି ନାରାୟଣ ମାର୍କେଟ୍ କମ୍ପ୍ଲେକ୍ସ-୨ ଉଦ୍‌ଘାଟିତ ହୋଇଯାଇଛି। ୧୯ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ ଅଟକଳରେ ୧୮ ଦୋକାନ ଗୃହ ବିଶିଷ୍ଟ ଉକ୍ତ ମାର୍କେଟ କମ୍ପ୍ଲେକ୍ସକୁ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିବା ବେଳେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ୭ ନଂ. ୱାର୍ଡ କାଉନସିଲର ଆଶୁତୋଷ ବଡେଇ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, କନିଷ୍ଠ ଯନ୍ତ୍ରୀ ରୋଶନ୍ କୁମାର ପ୍ରଧାନ ଏବଂ ଅନ୍ୟ କାଉନସିଲରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ୩ ମାସ ପରେ ବି ପୋଲିସକୁ ସୁରାକ ମିଳୁନି

**ବ୍ରହ୍ମପୁର ଅଫିସ,୨୪।୭**

ସହରରେ ଏବେ ଚୋରି, ଲୁଟ ଭଳି ଘଟଣା ବଢ଼ିବାରେ ଲାଗିଛି। ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହରିହର ମନ୍ଦିର ନିକଟ ଆୟାପ୍ପା ମନ୍ଦିରରୁ ଗତ ଏପ୍ରିଲ ୧୮ ତାରିଖ ବିଳମ୍ବିତ ରାତିରେ ଲୁଟେରା ଗ୍ୟାଙ୍ଗ ପ୍ରାୟ ଦୁଇ ଲକ୍ଷ ଟଙ୍କାର ରୁପା ଅଳଙ୍କାର ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା। ଏପରିକି ଉକ୍ତ ଅଞ୍ଚଳରେ

**ଆୟାପ୍ପା ମନ୍ଦିରରୁ ରୁପା ଅଳଙ୍କାର ଚୋରି ଘଟଣା**

ଲାଗିଥିବା ସିସିଟିଭି ଫୁଟେଜ ମଧ ସଂଗ୍ରହ କରିଥିଲା। ଇତିମଧ୍ୟରେ ଘଟଣାର ୩ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ବି ଲୁଟେରାଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳିପାରିନାହିଁ। ଲୁଟେରା ଗ୍ୟାଙ୍ଗ ବାହାର ରାଜ୍ୟର ହୋଇଥିବା କେବଳ ପୋଲିସ ସନ୍ଦେହ କରି ଏବେ ଅନ୍ତଃରାଜ୍ୟ ଲୁଟିଆ ଗ୍ୟାଙ୍ଗର ସୁରାକ ଖୋଜୁଛି।

ସୂଚନାଯୋଗ୍ୟ, ଆୟାପ୍ପା ମନ୍ଦିର ପୂଜକ ଅଜିତ କୁମାର ସାମନ୍ତରାୟ ପ୍ରତିଦିନ ଭଳି ଗତ ଏପ୍ରିଲ ୧୯ ତାରିଖ ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ସେ ମନ୍ଦିରର ମୁଖ୍ୟ କବାଟ ଖୋଲି ଭିତରକୁ ଯିବାରେ ଅୟାପ୍ପା ମହାପ୍ରଭୁଙ୍କ ମୁଖ୍ୟ କବାଟ ଭଙ୍ଗାଯାଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ମହାପ୍ରଭୁଙ୍କ ୩ଟି ରୁପା ମୁକୁଟ, ରୁପା ହାର, ରୁପାର ୩ଟି ଗ୍ଲାସ, ଗୋଟିଏ ରୁପା ଥାଳି ଓ ଗୋଟିଏ ରୁପାର ମୁକ୍ତଟ ଚୋରାଇ ନେଇଥିଲେ। ପରେ ପୂଜକ ଏନେଇ କମିଟି ସଭ୍ୟଙ୍କୁ ଜଣାଇଥିଲେ।

# ନଗର ହାଡ଼ିକୁଳ ମହାସଂଘ କର୍ମକର୍ତ୍ତା ନିର୍ବାଚନ

**ବ୍ରହ୍ମପୁର ଅଫିସ,୨୪।୭**

ନଗର ହାଡିକୁଳ ମହାସଂଘ ପକ୍ଷରୁ ରବିବାର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ଉପଦେଷ୍ଟା ତଥା ପୂର୍ବତନ କର୍ପୋରେଟର ଅନୀଲ କୁମାର ନାୟକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବ୍ରହ୍ମପୁରର ୨୨ଟି ସାହିରେ ଥିବା ସଂଘର ଆଞ୍ଚଳିକ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଂଘ ସଭାପତି ରୂପେ ସୁକାନ୍ତ ମୁଖି, କାର୍ଯ୍ୟକାରୀ ସଭାପତି ରୂପେ ଦେବେନ୍ଦ୍ର ଘଡେଇ, କାର୍ଯ୍ୟକାରୀ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ଚିନ୍ତାମଣି ନାୟକଙ୍କୁ ମନୋନୀତ କରାଯାଇଥିଲା। ଆସନ୍ତା ସପ୍ତାହେ ମଧ୍ୟରେ ମହାସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ଅନୀଲ ନାୟକ ପରାମର୍ଶ ଦେଇଥିଲେ।

# ଇଣ୍ଟରସ୍କୁଲ, ଯୁଥ ଟେବୁଲ ଟେନିସ ପ୍ରତିଯୋଗିତା




ପୁରସ୍କାର ବିତରଣରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

**ବ୍ରହ୍ମପୁର ଅଫିସ,୨୪।୭**

ବ୍ରହ୍ମପୁର ଟେବୁଲ ଟେନିସ ସଂଘ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଚାଲିଥିବା ଗଞ୍ଜାମ ଜିଲାସ୍ତରୀୟ ଇଣ୍ଟରସ୍କୁଲ ଓ ଯୁଥ ଟେବୁଲ ଟେନିସ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ସଂଘ ସଭାପତି ସଞ୍ଜୟ କୁମାର ବିଷୋୟୀ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଆର. ମୁରଲୀ ମୋହନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀରେ ପୁରସ୍କାର ବିତରଣ ହୋଇଥିଲା। ଜୁନିୟର ବାଳକରେ ଏ.ସନ୍ତୋଷ ରାଓ ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ, ପାର୍ଥ କୁମାର ପାତ୍ର ଡ଼ିଏଭି ପବ୍ଲିକ ସ୍କୁଲ, ପ୍ରୀତେଶ ପଣ୍ଡା ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ବାଳିକା ବିଭାଗରେ ଡିଏଭି ସ୍କୁଲ ଅନ୍ୱେଷା ବିଷୋୟୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସିନିୟର ବାଳକ ବିଭାଗରେ ସୁରଙ୍ଗି ନବୋଦୟ ବିଦ୍ୟାଳୟର ସନ୍ନ୍ୟାସୀ ସାହୁ, ନିଗମ ଜ୍ୟୋତି ପାଣିଗ୍ରାହୀ ପ୍ରଥମ ଓ ଦ୍ୱିତୀୟ ଏବଂ ବ୍ରହ୍ମପୁର ସେଣ୍ଟଭିନସେଣ୍ଟ କନଭେଣ୍ଟ ସ୍କୁଲର ବିଶାଳ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବାଳିକା ବିଭାଗରେ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଏ.ସାଇଲକ୍ଷ୍ମୀ, ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲର ଅନନ୍ୟା ରାଜୀବ ଦ୍ୱିତୀୟ ଓ ଡି'ପଲ୍ ସ୍କୁଲର ଚିନ୍ମୟୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁବ ବିଭାଗରେ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦିନେଶ କୁମାର ବେହେରା ପ୍ରଥମ, ନବୋଦୟ ସୁରଙ୍ଗି ଶିକ୍ଷାନୁଷ୍ଠାନର ଭୂଷଣ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକାରେ ଶଶିଭୂଷଣ ରଥ ମହାମାୟୀ ମହିଳା ମହାବିଦ୍ୟାଳୟ ଯୁକ୍ତ ଦୁଇ ଛାତ୍ରୀ ପୁଷ୍ପାଞ୍ଜଳି ବେହେରା ଓ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଙ୍ଗୀତା ବିଶ୍ୱାଳ ରନର୍ସ ଅପ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୪।୭**

ବିଷ ପିଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ ଥାନା ଅନ୍ତର୍ଗତ ବଡ଼ଗଡର ପର୍ଶୁରାମ ପାଢ଼ୀଙ୍କ ପୁଅ ନିତ୍ୟାନନ୍ଦ (୩୫)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ଏସଂକ୍ରାନ୍ତରେ ୩୯୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୌଣସି ଏକ ଘରୋଇ କଳହରୁ ନିତ୍ୟାନନ୍ଦ ବିଷପିଇ ଦେଇଥିଲେ। ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ଶେରଗଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା।

ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଝାରସୁଗୁଡା
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION,JHARSUGUDA
Inside Collectorate Campus,OMP Line,Jharsuguda-768204,
Ph:06645-270219 (Off), Fax:06645-270219,Email:eerwss_jha@nic.in

Quotation Call Notice No.05/RWS&S, Dt.20.07.22

No.O-705:1.Hiring of A/C Diesel driven Bolero/Vehicle TUV 300 (Preferably Petrol) for RWS&S Division, Jharsuguda under Jharsuguda District.
2. Total Number of Vehicle : 01 No.
3. Estimated Hire Cost : Rs.31,000/- per Month per Vehicle
4. Period of Contract : 24 Months
5. Quotation Paper dropping Last date & Time : 10.08.2022 by 11.00 A.M.
6. Quotation Paper opening date and time : 10.08.2022 by 11.30 A.M.

| Procurement Officer | Quotation Call Notice Number | Availability of tender Papers for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Jharsuguda | 05 of 2022-23 dt.20.07.2022 | 28.07.2022 at 10.00 A.M. | 08.08.2022 upto 5.30 P.M. |

Sd./-Superintending Engineer
RWS&S Division,Jharsuguda
OIPR-25008/11/0006/2223

e-Procurement Notice for Building Works Identification No. 06/SERW/BLS/2022-23

No.O-707:1.Name of the Work : Buildings. 2. Total No. of Works: 2 Nos. 3. Estimated Cost : Estimated Cost Rs.4.24 Lakh to 35.33 Lakh. 4. Class of Contractor : 'D', 'C' & 'B' Class. 5. Time of Completion : 1 & 3 Month (One and Three Calendar Month). 6. Other Details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 06/ SERW/ BLS/ 2022-23 | 29.07.2022 at 11.00 A.M. | 06.08.2022 upto 5.00 P.M. | 06.08.2022 upto 1.00 P.M. | 08.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0005/2223

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୫ ଜୁଲାଇ, ୨୦୨୨

# ବିପଦସଙ୍କୁଳ ଗାଜେଲ ନାଳ ପାର ହେଉଛନ୍ତି ଛାତ୍ରୀଛାତ୍ର

## ୨୦ ଗାଁକୁ ପୋଲ ନାହିଁ

ଆର୍.ଉଦୟଗିରି,୨୪।୭(ଡି.ଏନ୍.ଏ.)

ରାଜ୍ୟ ସରକାର ବିଭିନ୍ନ ସମୟରେ ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି। ହେଲେ ଗଜପତି ଜିଲା ମୋହନା ବ୍ଲକର ତିନୋଟି ପଞ୍ଚାୟତର ୨୦ ଖଣ୍ଡ ଗ୍ରାମବାସୀ ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହେଉଥିବା ବେଳେ ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ରୀଛାତ୍ର। ଏପରି ଦେଖିବାକୁ ମିଳିଛି ମୋହନା ବ୍ଲକ ଝରଣପୁର ଗାଁ ନିକଟ ଗାଜେଲ ନାଳରେ। ଚୁଡ଼ଙ୍ଗପୁର ପଞ୍ଚାୟତ ଶିଆଳିଲଟି, ଝରଣପୁରଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ନାଳ ରାସ୍ତାରେ ହଜାର ହଜାର ଲୋକ ନିର୍ଭରଶୀଳ। ପୋଲ ନ ଥିବାରୁ ସ୍କୁଲ, ହାଟ, ବଜାର, ମେଡିକାଲ ସମେତ ସମସ୍ତ ସରକାରୀ କାମରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ହେଲେ ଏହି ନାଳ ଉପରେ ପୋଲ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯାହା ଉକ୍ତ ନାଳ ନିକଟରୁ ରାଇପଙ୍କା ଗ୍ରାମ ମାତ୍ର ୮ କିମି ଏବଂ ରାୟଗଡ଼ା ଜିଲାର ପଦ୍ମପୁର ମୁଖ୍ୟ ବଜାର ୧୪ କିମି। ଭଲ ରାସ୍ତା ଖଣ୍ଡେ ନାହିଁ, କିନ୍ତୁ ମାଟି ରାସ୍ତା ହୋଇଥିଲେ ମଧ ତିନୋଟି ନାଳ ଦେଇ ଯାତାୟାତ କରନ୍ତି ଅନେକ ଗ୍ରାମର ଲୋକ। ଅନ୍ୟ ଜିଲାର ବ୍ୟବସାୟୀମାନେ ବର୍ଷାଦିନେ ଏଭଳି ରାସ୍ତା ଓ ପୋଲ ନ ଥିବାରୁ ବହୁକଷ୍ଟରେ ନାଳ ପାର ହେଉଥିବା ଦେଖାଦେଇଛି। ଖାଲି ସେତିକି ନୁହେଁ, ଜରୁରିକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ଚୁଡଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୋହନା ମେଡିକାଲକୁ ଆଣିବାକୁ ହେଲେ ଦୋଳା କରି ଗ୍ରାମବାସୀ ବୋହି ଆଣନ୍ତି । ତେଣୁ ତୁରନ୍ତ ଏହି ପୋଲ କାର୍ଯ୍ୟ ଶେଷ କରିବା ସହ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ବିଷୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ କେଶରୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ବ୍ଲକ ପ୍ରଶାସନକୁ କହି ପୋଲର ଉଭୟ ପଟ ରାସ୍ତା କାମ କରାଯିବ ଏବଂ ବିଶେଷକରି ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନତୀକରଣ ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର।

## ଖରିଫ ପାଇଁ ବାଘୁଆ ଜଳଭଣ୍ଡାରରୁ ଛଡ଼ାଗଲା ପାଣି

ବୁଗୁଡ଼ା,୨୪।୭(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମତାଝରୀ ନିକଟସ୍ଥ ବାଘୁଆ ଜଳଭଣ୍ଡାରରୁ ଜଳ ଖରିଫ ଚାଷ ନିମନ୍ତେ ଦୁଇ କେନାଲ ଦେଇ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଛଡ଼ାଯାଇଛି। ଗତ ସପ୍ତାହରେ ବୁଗୁଡ଼ା ଜଳସେଚନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଜଳଭଣ୍ଡାରର ବାମ ଓ ଡାହାଣ କେନାଲ ଦେଇ ଶନିବାର ଏହି ଜଳ ଛଡାଯାଇଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ଚାଷୀକୁଳ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ଥିବା ବେଳେ ବର୍ତ୍ତମାନ ଏହି ଜଳଭଣ୍ଡାର କ୍ଷମତା ୨୫୭୬ ହେକ୍ଟର ମିଟର ରହିଛି। ତେବେ ଏହି ଜଳଯୋଗାଣର ଯେପରି ସୁଷମ ବଣ୍ଟନ ହୋଇପାରିବ ସେଥିପାଇଁ ପାଣି ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଏବଂ ଚାଷୀମାନେ ଧ୍ୟାନ ଦେବା ପାଇଁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ ସଂସ୍ପର୍ଶରେ ବୃଦ୍ଧ ମୃତ

**ବୁଗୁଡା,୨୪।୭(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅଧୀନ କଳମ୍ବ ଗାଁରେ ବିଦ୍ୟୁତ ସଂସ୍ପର୍ଶରେ ଆସି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରେନ୍ଦ୍ର ନାୟକ(୬୫)। ଏ ନେଇ ବାଲିପଦର ଫାଣ୍ଡିରେ ମୃତକଙ୍କ ଜ୍ୱାଇଁ ରଞ୍ଜିତ ନାୟକଙ୍କ ଅଭିଯୋଗ କ୍ରମେ ନଂ. ୩୧୭/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କଳମ୍ବ ଗ୍ରାମ ନିକଟସ୍ଥ ଏକ ମୁଣ୍ଡିଆରେ ଛେଳି ଚରାଇ ଅପରାହ୍ନରେ ସୁରେନ୍ଦ୍ର ଘରକୁ ଫେରୁଥିବା ବେଳେ ଏକ କୁକୁଡ଼ା ଫାର୍ମ ନିକଟରେ ତଳେ ପଡିଥିବା ଛିଣ୍ଡା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ବାଲିପଦର ଫାଣ୍ଡିକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

### ଡାକ୍ତରଖାନାରୁ ଚୋରି ଅଭିଯୋଗ

**ପାତ୍ରପୁର,୪।୭(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ତୁରିବୁଡ଼ି ଡାକ୍ତରଖାନାରୁ କିଛି ସରଞ୍ଜାମ ଚୋରି ହୋଇଥିବା ନେଇ ରବିବାର ଜରଡ଼ା ଥାନାରେ ଅଭିଯୋଗ ହୋଇଛି। ଡାକ୍ତର ଖାନାରେ କାର୍ଯ୍ୟରତ ଫାର୍ମାସିଷ୍ଟ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ସକାଳୁ ଡାକ୍ତରଖାନା ଖୋଲିବାକୁ ଯାଇ ପ୍ରବେଶ ପଥରେ ଥିବା ଗ୍ରୀଲ୍ ଭାଙ୍ଗିଥିବା ଦେଖିଥିଲେ। ପରେ ଅଫିସରେ ଥିବା ଇନ୍‌ଭର୍ଟର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଖାରିଆଗୁଡ଼ା ଫାଣ୍ଡିରେ ଖବର ଦେବା ସହ ଜରଡ଼ା ଥାନାରେ ଏତଲା ଦେଇଛନ୍ତି। ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଛି।

### ମାଙ୍କଡ଼କୁ ଧକ୍କା ଦେଲା ବାଇକ୍, ଦମ୍ପତି ଆହତ

**ଭଞ୍ଜନଗର,୨୪।୭(ଡି.ଏନ.ଏ):** ଭଞ୍ଜନଗର ଦୁର୍ଗାପ୍ରସାଦ ରାସ୍ତାରେ ଦିନକୁ ଦିନ ମାଙ୍କଡ଼ ଆତଙ୍କ ବଢୁଛି। ରବିବାର ଗୁଣ୍ଡିରିବାଡିର ସୁରେଶ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ବାସନ୍ତୀ ଭଞ୍ଜନଗରରୁ କାମ ସାରି ଗ୍ରାମକୁ ବାଇକ ଯୋଗେ ଫେରୁଥିଲେ। ବାଟରେ ବୁଦିଲି ନିକଟରେ ହଠାତ୍ ଏକ ମାଙ୍କଡ଼ ଆଗକୁ ଆସିବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଉଭୟ ଦମ୍ପତି ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ଆଞ୍ଚଳିକ ବାଲ୍ମୀକି ଦାସ କୁଳ ସାଧାରଣ ବୈଠକ

**ହିଞ୍ଜିଳିକାଟୁ, ୨୪।୭(ଡ଼ି.ଏନ୍.ଏ):** ଆଞ୍ଚଳିକ ବାଲ୍ମୀକି ଦାସ କୁଳ ମହାସଂଘର ସାଧାରଣ ବୈଠକ ରବିବାର ହିଞ୍ଜିଳିକାଟୁ ନିକଟସ୍ଥ ମା' କୁରେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତାଲୁକା ସଭାପତି ପ୍ରଭାକର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ୯ମୁଠାର ୧୧୯ଗ୍ରାମର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରେ ଥିବା କୁଳ କୋଠଘରଗୁଡ଼ିକୁ ନିଶାଦ୍ରବ୍ୟମୁକ୍ତ ଉପରେ ଗୁରୁତ୍ୱାରୋପ କରାଯାଇଛି। କୁଳ ଛାତ୍ରୀଛାତ୍ର ଓ ଶିକ୍ଷିତ ଯୁବତୀଯୁବକଙ୍କୁ ନିଃଶୁଳ୍କ ଶିକ୍ଷାଦାନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିସହ ନାରୀ ଶିକ୍ଷା ଓ ସରକାରଙ୍କ ନିର୍ଦ୍ଧାରିତ ବିବାହ ଯୋଗ୍ୟ ବୟସରେ ଉଭୟ ଝିଅ ଓ ପୁଅଙ୍କ ବିବାହ, ୨୦୨୧ର ଆୟବ୍ୟୟ ହିସାବ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ଅମୂଲ୍ୟ ଦାଶ ବିବରଣୀ ପାଠ କରିଥିଲେ। ତାଲୁକା ଉପସଭାପତି କାଳିଆ ଦାଶ, ପୁରୁଷୋତମପୁରର ଭିକା ଦାଶ, ମୁଠା ସଭାପତି ସୀମାଞ୍ଚଳ ଦାଶ, ଯୁବ ସଭାପତି ମିଥୁନ ଦାଶ, ତାଲୁକା ମହିଳା ସଭାନେତ୍ରୀ ଜୟନ୍ତୀ ଦାଶ, ଯୁବ ସମ୍ପାଦକ ଯୁଧିଷ୍ଠିର ଦାଶ, ଉପଦେଷ୍ଟା ଗୌରାଙ୍ଗ ଦାଶ, ଉପେନ୍ଦ୍ର ଦାଶ, ଶୁକୁରି ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**ଆସିକା, ୨୪।୭(ଡି.ଏନ୍.ଏ.):** ଆସିକା ଥାନା ମଙ୍ଗଳପୁର ଗ୍ରାମରେ ରବିବାର ସକାଳେ କୀଟନାଶକ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲକ୍ଷ୍ମୀ ଜେନା (୬୫) । ସେ ସକାଳେ ଘରେ ଚାଉଳରେ ପକାଇବା ପାଇଁ ରହିଥିବା କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତା ମହିଳାଙ୍କ ବୋହୂ ଝୁମୁରି ଏ ନେଇ ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ତେବେ ସେ କାହିଁକି କୀଟନାଶକ ପିଇଲେ, ତାହା ସ୍ପଷ୍ଟ ହୋଇନାହିଁ।

# ଭାଜପା ନୂତନ କର୍ମକର୍ତ୍ତା ନିଯୁକ୍ତ



ନବ ନିଯୁକ୍ତ କର୍ମକର୍ତ୍ତା।

## ଭଞ୍ଜନଗର ର୍ନିବାଚନମଣ୍ଡଳୀକୁ ପ୍ରାଧାନ୍ୟ

ଭଞ୍ଜନଗର,୨୪।୭(ଡି.ଏନ୍.ଏ.)

ଭାଜପା ଘୁମୁସର ସାଙ୍ଗଠନିକ ଜିଲ୍ଲାର ନୂତନ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଏଥିରେ ଭଞ୍ଜନଗର ର୍ନିବାଚନମଣ୍ଡଳୀର ନେତାମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବତନ ବିଧାୟକ ପ୍ରାର୍ଥୀ ବିନାୟକ ତ୍ରିପାଠୀଙ୍କୁ ପୋଲସରା ର୍ନିବାଚନ ମଣ୍ଡଳୀର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଉପସଭାପତି ସନ୍ତୋଷ ଦାସଙ୍କୁ ଭଞ୍ଜନଗର ର୍ନିବାଚନମଣ୍ଡଳୀର ପ୍ରଭାରୀ ଏବଂ ସାଧାରଣ ସମ୍ପାଦକ ନୀଳ ମାଧବ ପାତ୍ରଙ୍କୁ ଭଞ୍ଜନଗର ର୍ନିବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରବୀନ୍ଦ୍ର କୁମାର ଗୌଡ଼, ସତ୍ୟବାନ ନାୟକ, ମାନସ ଜେନା, ଶିବ ପ୍ରସାଦ ମହାପାତ୍ର, ସତ୍ୟ ଶୋଭନ ରଥ, ଅମୂଲ୍ୟ ପ୍ରଧାନ, ବାସୁଦେବ ନାୟକ, ପ୍ରତିମା କୁମାରୀ ମହାପାତ୍ର ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ବରିଷ୍ଠ ନେତା ସନ୍ତୋଷ ତିଆଡ଼ି ଏବଂ ଅଞ୍ଚଳର ଯୁବ ନେତା ଅଯୋଧ୍ୟା ନାଥ ମହାପାତ୍ର ମନୋନୀତ ହୋଇଛନ୍ତି। ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ପୂର୍ବରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ଚଳିତ ପଞ୍ଚାୟତ ର୍ନିବାଚନ ପୂର୍ବରୁ କଂଗ୍ରେସ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିବା ଅଯୋଧ୍ୟା ନାଥ ମହାପାତ୍ରଙ୍କ ସାଂଗଠନିକ ଦକ୍ଷତା ଏବଂ ଦଳପ୍ରତି ଆନୁଗତ୍ୟ ଦେଖି ତାଙ୍କୁ ଉପସଭାପତି ମନୋନୀତ କରାଯାଇଛି। ଉପସଭାପତି ଭାବେ ମନୋନୀତ ହେବା ପରେ ଅଯୋଧ୍ୟା ନାଥଙ୍କୁ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଓ ବହୁ ଦଳୀୟ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ସୁଚାରୁରୂପେ ତୁଲାଇବା ସହ ଆଗାମୀ ଦିନରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ କରାଯିବ ବୋଲି ଅଯୋଧ୍ୟା ପ୍ରକାଶ କରିଛନ୍ତି।

# ବୋମା ମାଡ଼ ଘଟଣାରେ ପୋଲିସ ହାତ ଖାଲି

ଗଞ୍ଜାମ,୨୪।୭(ଡି.ଏନ.ଏ.)

ଗଞ୍ଜାମ ଥାନା ଅଧିନସ୍ତ ନୂଆଗାଁ ସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନ ଉପରକୁ ଶନିବାର ସନ୍ଧ୍ୟାରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରୀ ରଖଥିଲେ ହେଁ ଏଯାବତ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହାତ ଖାଲିଅଛି। ଏହି ବୋମା ମାଡ଼ରେ ଦୋକାନ ମାଲିକ ରାମ ଗୌଡ଼ଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରକାଶ ଯେ, ଦୋକାନରେ ରାମ ଓ ମୁନା ତରାଇ ଶୋଇଥିବା ବେଳେ ତିନି ଜଣ ଯୁବକ ବୋମାମାଡ଼ କରିଥିଲେ। ଗୋଟିଏ ବୋମା ରାମଙ୍କ ଦେହରେ ବାଜିବାରୁ ରାମ ସାମାନ୍ୟ ଆଘାତ ପାଇଥିଲେ। ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ଥାନା ଅଧିକାରୀ ଅଜିତ କୁମାର ପରିଡା ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସଆଇ ସୀମାଞ୍ଚଳ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଛତ୍ରପୁର ମେଡିକାଲ ନେଇ ଚିକିତ୍ସିତ କରାଇଥିଲେ। ତେବେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# କାଠ ବୋଝେଇ ଟ୍ରାକ୍ଟର ଜବତ, ୪ ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୪।୭(ଡି.ଏନ.ଏ.)

ଦିଗପହଣ୍ଡି ବନ ବିଭାଗ ରବିବାର ସନ୍ଧ୍ୟାରେ ଶାଗୁଆନ କାଠ ଚୋରା ଚାଲାଣ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୀଷ୍ମଗିରି ଗ୍ରାମର ଟ୍ରାକ୍ଟର ଚାଳକ ସୀମାଞ୍ଚଳ ଗୌଡ଼, ବ୍ୟବସାୟୀ ବସନ୍ତ ବାଡତ୍ୟା, ସୀମାଞ୍ଚଳ ମହାନ୍ତି ଏବଂ ନୃସିଂହ ପ୍ରସାଦ ଦୀକ୍ଷିତ। ବନ ବିଭାଗ ମାମଲା ନଂ.୧୦୩/୨୨-୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଭୀଷ୍ମଗିରି ଗ୍ରାମ ଅଭିମୁଖେ ଏକ ଶାଗୁଆନ କାଠ ବୋଝେଇ ଟ୍ରାକ୍ଟର ଯାଉଥିବା ନେଇ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଦିଗପହଣ୍ଡି ବନ ବିଭାଗ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ଫରେଷ୍ଟର ସୋମନାଥ ମଲ୍ଲିକ, ଫରେଷ୍ଟ ଗାର୍ଡ ରାକେଶ ବେହେରା, ଉର୍ମିଳା ବେହେରା, ପାରା ବନ କର୍ମଚାରୀ ମୁରାରି ପ୍ରସାଦ ରଥ, ନୀଳମାଧବ ପାଢ଼ୀ ପ୍ରମୁଖ ଶନିବାର ରାତିରେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଜଗି ରହିଥିଲେ। ଦିଗପହଣ୍ଡି ବସଷ୍ଟାଣ୍ଡ ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରାକ୍ଟର (ନଂ.ଓ ଆର୍ ୦୭ ଏକ୍ସ - ୨୫୬୦)କୁ ବନ କର୍ମଚାରୀମାନେ ଅଟକାଇଥିଲେ। ଟ୍ରାକ୍ଟରକୁ ଖାନତଲାସ କରାଯିବାରୁ ସେଥିରେ ଥିବା ୫୦.୫୭ ଘନଫୁଟ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଥିଲା। ଟ୍ରାକ୍ଟରକୁ ଜବତ କରାଯାଇ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିଲା।

# ବରିଷ୍ଠ ନାଗରିକ ଅତିଥିଙ୍କୁ ସମ୍ବର୍ଦ୍ଧନା



ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୁଷୋତ୍ତମପୁର,୨୪।୭(ଡି.ଏନ.ଏ.)

ଭୁବନେଶ୍ୱରରୁ ଅତିଥି ଭାବେ ରବିବାର ଗଞ୍ଜାମ ଜିଲାକୁ ଆସିଥିବା ବରିଷ୍ଠ ନାଗରିକମାନଙ୍କୁ ପୁରୁଷୋତ୍ତମପୁର ପୋଲିସ ଏସ୍‌ଡିପିଓ ଅଫିସ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସଂଯୋଜନାରେ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘର ସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ଟୁନା ମହାପାତ୍ର, ଏ ରାଜୁଗୋପାଳ ରାଓ, ନରସିଂହ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଡିଏସପି ବାମନ ଚରଣ ପଣ୍ଡା, ରୁଦ୍ର ଚରଣ ସାମଲ, ଡା ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ସମେତ ୧୫ ମହିଳା ଓ ୪୦ ପୁରୁଷ ବରିଷ୍ଠ ନାଗରିକ ଗଞ୍ଜାମ ଗସ୍ତରେ ଆସି ପ୍ରସିଦ୍ଧ ଇଷ୍ଟ ଦେବୀ ମା' ତାରା ତାରିଣୀଙ୍କ ଦର୍ଶନ କରିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳ ମାନ ଭ୍ରମଣ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ପରାମର୍ଶ ମାନ ଦେବାସହ ନିଃସ୍ୱାର୍ଥପର ଭାବେ ସଂଘ ପାଇଁ କାର୍ଯ୍ୟ କରିବା ସହ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପୋଲିସର ନଜରକୁ ଆଣିବା ଲାଗି କହିଥିଲେ। ଏହାକୁ ଏସ୍‌ଡିପିଓ ଅଫିସ କର୍ମଚାରୀ କୈଳାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ଗୌଡ, ସ୍ୱପ୍ନା ସେଠୀ, ସରୋଜ କୁମାର ଖୁଣ୍ଟିଆ, ଅଶୋକ ଗୌଡ଼, ଦୀପ୍ତି ପ୍ରସାଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ୧୦ ପଞ୍ଚାୟତରେ ଚାଷ କାମ ବାଧାପ୍ରାପ୍ତ

## ବର୍ଷାର ଲୁଚକାଳି ଖେଳ

ଶେରଗଡ଼, ୨୪।୭ (ଡି.ଏନ.ଏ)

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଥିଲେ ହେଁ ଶେରଗଡ଼ ବ୍ଲକରେ ଆଶାନୁରୂପ ବର୍ଷା ହୋଇନାହିଁ। ଯାହାବି ବର୍ଷା ହୋଇଛି ସେଥିରେ ଜମିର ଆଦ୍ରତା ମଧ ଆସିପାରିନାହିଁ। ବ୍ଲକ କୃଷି ବିଭାଗ କହିବା ଅନୁଯାୟୀ ମୋଟ ୭ହଜାରରୁ ଅଧିକ ହେକ୍ଟର ଜମିରେ ଧାନ ଫସଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୬୦ ଭାଗ ଜମିରେ ଏଯାବତ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କେଉଁଠି ବୁଣା ଯାଇଛି ତ କେଉଁଠି ରୁଆ ପାଇଁ ତଳି ପଡିଛି। ପାଣି ନଥିବା ବା ବର୍ଷା ନହେବା କାରଣରୁ ଫସଲ ଯେତିକି ଆଗେଇବା କଥା ସେତିକି ଆଗେଇ ପାରୁନାହିଁ। ଚାଷୀ ବର୍ଷାକୁ ଚାହିଁବସିଛି। ନା ବର୍ଷା ହେଉଛି ନା ଜଳସେଚନ ଦ୍ୱାରା କେଉଁଠି ପାଣି ଆସୁଛି। ରବିବାର ଶେରଗଡ଼ ବ୍ଲକରେ ୧୦ ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗ୍ରାମରେ ଚାଷୀମାନେ ବର୍ଷାକୁ ଚାହିଁ ବସିଛି। ଉକ୍ତ ଗ୍ରାମମାନଙ୍କ ମଧ୍ୟରେ ବରମୁଣ୍ଡଳୀ, ଖିରିଡା, ହାଡିଚିରା, ଧନନ୍ତର, କୁରୁଳା, ହରିକୃଷ୍ଣପୁର, ବିଜୟରଘୁନାଥପୁର, ପଟାପାବୁଲି, ଭେଟିସିଙ୍ଗ, ଶେରଗଡ ସମେତ ବହୁ ଗ୍ରାମରେ ଜଳସେଚନ ସୁବିଧା ନଥିବା ଯୋଗୁଁ ବର୍ଷାକୁ ଚାଷୀ ଚାହିଁରହିଛି। ବର୍ଷାର ଲୁଚକାଳି ଖେଳ ଚାଷୀର ମୁଣ୍ଡବ୍ୟଥା ବଢ଼େଇ ଦେଇଛି ବୋଲି ଚାଷୀ ବଳରାମ ରାଉତ, ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୪।୭(ଡି.ଏନ୍.ଏ)

ତାରାସିଙ୍ଗି ଥାନା ଅନ୍ତର୍ଗତ ଦୋମୁହାଁଣି ଗ୍ରାମର ଏକ ପୋଖରୀରେ ବୁଡ଼ି ରବିବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦୋମୁହାଁଣିର ବାବୁଲା ବେହେରା (୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଭଞ୍ଜନଗର ହସ୍ପିଟାଲ ପଠାଇଛି। ବାବୁଲା ପୋଖରୀରେ ଗାଧୋଉଥିବା ବେଳେ ହଠାତ୍ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ବାବୁଲାଙ୍କୁ ପାଣିରୁ ବାହାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ଜାଗରଣ ଯାତ୍ରା

ପାରଳାଖେମୁଣ୍ଡି,୨୪।୭(ଡି.ଏନ.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀଅରବିନ୍ଦ ସୋସାଇଟି ପକ୍ଷରୁ ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଜାଗରଣ ଯାତ୍ରା ଆୟୋଜିତ ହୋଇଛି। ଶିଳ୍ପାଞ୍ଚଳରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର, ପୁରାତନ ଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମକର୍ତ୍ତାମାନେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସୁସଜ୍ଜିତ ଫଟୋଚିତ୍ର ସହ ବିରାଟ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଅନୁଷ୍ଠାନର ଅଗ୍ରଦୂତ ଶାଖାର ସଂଯୋଜକ ତଥା ପୂର୍ବତନ ଛାତ୍ର ଆଦର୍ଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାରଳା ପୌରପରିଷଦର ଅଧକ୍ଷା ନିର୍ମଳା ସେଠୀ ଓ ଅନ୍ୟତମ ଅତିଥି ଭାବରେ ଶିକ୍ଷାକେନ୍ଦ୍ରର ଅଧକ୍ଷ ଅରବିନ୍ଦ ଦାସ ଯୋଗଦେଇ ଜାଗରଣ ଯାତ୍ରା ଶୁଭାରମ୍ଭ କରିଥିଲେ। ସଂଯୋଜିକା ଅଞ୍ଜନା ପଟ୍ଟନାୟକ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାକେନ୍ଦ୍ରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ପୋଲିସ ଷ୍ଟେଶନ ଛକରେ ମାନବ ଶୃଙ୍ଖଳରେ ଠିଆହୋଇ ବିଭିନ୍ନ ଲେଖା ମାଧ୍ୟମରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଚେତନାକୁ ନେଇ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ।

ଶେଷରେ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶ୍ରୀଅରବିନ୍ଦଙ୍କ ସୁସ୍ଥ ସମାଜ ପ୍ରତି ଦିଗ୍‌ଦର୍ଶନ ଓ ସ୍ୱାଧୀନ ପରେ ଦେଶ ସୁଦୃଢ ହେବା ସହ ସମାଜ ପ୍ରତି ତାଙ୍କର ଈଶ୍ୱରୀୟ ବାଣୀ ଓ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସୋସାଇଟିର ଅଗ୍ରଦୂତ ଶାଖାର ସଦସ୍ୟମାନେ ସଂଯୋଜନା କରିଥିଲେ।

# ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

ଛତ୍ରପୁର,୨୪।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ମା' ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ପୂର୍ବରୁ ଉକ୍ତ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ଲାଗି ରାଜ୍ୟ ସରକାର ଓ ତତ୍କାଳୀନ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ପକ୍ଷରୁ ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ବିଧାନସଭାରେ ପ୍ରଶ୍ନ କରାଯାଇଛି । ଚଳିତ ବର୍ଷ କୌଣସି ପ୍ରସ୍ତାବ ଆସିନି ଏବଂ ମାର୍ଗଦର୍ଶିକା ଅନୁସାରେ ଗଞ୍ଜାମ ଜିଲାପାଳ ପ୍ରସ୍ତାବ ପଠାଇବାକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ କହିଛନ୍ତି।



ମା' ରାମଚଣ୍ଡୀ ।

୨୦୧୭ ଜୁଲାଇ ୧୭ରେ ଏହି ମାର୍ଗଦର୍ଶିକା ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଥିଲା । ରାମଚଣ୍ଡୀ ପୀଠରେ ନୂତନ ମନ୍ଦିର ନିର୍ମାଣ ହୋଇଛି । ଏଥିସହ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାହାଡ଼ ଉପରକୁ ଯିବା ଲାଗି ରାସ୍ତା, ୧୮ ଲକ୍ଷ ଟଙ୍କା ବ୍ୟୟରେ ସୁଲଭ ଶୌଚାଳୟ, କଲ୍ୟାଣମଣ୍ଡପ, ବଜାର ଗୃହ, ସେଲ୍‌ଫି ପଏଣ୍ଟ, ପାନୀୟ ଜଳ ଟାଙ୍କି ଏବଂ ପୂର୍ବତନ ଓ ବର୍ତ୍ତମାନର ବିଧାୟକଙ୍କ ହାତପାଣ୍ଠିରୁ ଅନେକ ଉନ୍ନୟନ କାର୍ଯ୍ୟ ହୋଇପାରିଛି। ତେବେ ଏଠାରେ ଆହୁରି ବିକାଶର ଆବଶ୍ୟକତା ରହିଛି । ଅନ୍ୟ ପଞ୍ଚାୟତ ଭଳି ଏଠାରେ ରୁରାଲ ପାର୍କ, ବିଶ୍ରାମଗୃହ, ପାନୀୟଜଳ, ଶୌଚାଳୟ, ଷ୍ଟ୍ରିଟ୍‌ଲାଇଟ୍, ପ୍ରସାଦସେବନ ମଣ୍ଡପର ନିର୍ମାଣ ଜରୁରୀ ରହିଛି । ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଲେ ଅଧିକରୁ ଅଧିକ ପର୍ଯ୍ୟଟକ ଆସିପାରନ୍ତେ ଏବଂ ଅଞ୍ଚଳବାସୀଙ୍କର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୫ ଜୁଲାଇ, ୨୦୨୨

**ବିଶ୍ରାମାଗାରରୁ ମୃତଦେହ ଜବତ**

ଆସିକା, (ଡି.ଏନ୍.ଏ.): ଆସିକା ଥାନା ଦେବଭୂମି ଛକରେ ଥିବା ଯାତ୍ରୀ ବିଶ୍ରାମାଗାରରୁ ରବିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱରପଲ୍ଲୀ ଗ୍ରାମର ସୁରେନ୍ଦ୍ର ଗୌଡ଼। ସୁରେନ୍ଦ୍ରଙ୍କ ମୃତଦେହ ବିଶ୍ରାମାଗାରରେ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ତାଙ୍କ ପୁଅ ଅନିଲ ପହଞ୍ଚି ଚିହ୍ନଟ କରିଥିଲେ। ଅନିଲଙ୍କ ଅଭିଯୋଗ ପ୍ରକାରେ ଆସିକା ପୋଲିସ ନଂ.୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ କେଉଁ ପରିସ୍ଥିତିରେ ଓ କାହିଁକି ସେ ବିଶ୍ରାମାଗାରକୁ ଆସିଥିଲେ ତାହା ଜଣାପଡ଼ିନାହିଁ।



## ସଂକ୍ଷେପରେ

### ଅଟୋକୁ ପିଟିଲା ପିକଅପ୍ ୩ଗୁରୁତର, ୨ ଗାଈ ମୃତ

ଗୋପାଳପୁର,୨୪।୭ (ଡି.ଏନ୍.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦ ନଗର ଛକ ନିକଟରେ ରବିବାର ଅପରାହ୍ନରେ ପିକଅପ ଧକ୍କାରେ ଅଟୋ ଚୁରମାର ହେବା ସହ ୩ଜଣ ଗୁରୁତର ଆହତ ହେବା ସହ ୨ଟି ଗାଈ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଆହତମାନେ ହେଲେ ଗୋବିନ୍ଦ ନଗର ଗ୍ରାମର ବାରିକ ଦାସ, ଉଲିଦାସ ଓ ଅନ୍ୟଜଣେ ଥିବା ଜଣାପଡ଼ିଛି। ଖବର ଅନୁସାରେ ଗୋବିନ୍ଦ ନଗର ଛକ ନିକଟରେ ସେହି ଗ୍ରାମର ବାରିକ ଦାସ ଓ ଉଲି ଦାସ ଅଟୋ ନିକଟରେ ଠିଆ ହୋଇଥିଲେ। ଦ୍ରୁତ ଗତିରେ ଏକ ପିକଅପ ପ୍ରଥମେ ଅଟୋ ପଛପଟୁ ଧକ୍କା ଦେଇଥିଲା। ଅଟୋ ଜାତୀୟ ରାଜପଥରେ ଥିବା ଦୁଇଟି ଗାଈକୁ ଧକ୍କା ଦେଇ ପୁଣି ବାରିକ ଓ ଓଲିଙ୍କୁ ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକେ ମଧ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଟି ଗାଈର ମୃତ୍ୟୁ ହୋଇଥିଲା। ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ବାରିକଙ୍କ ପୁଅ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନମ୍ବର ୨୬୦/୨୨ରେ ଦୁର୍ଘଟଣା ମାମଲା ରୁଜୁ କରି ଗାଡ଼ି ଦୁଇଟିକୁ ଜବତ କରିଛି।

### ସାପ ଉଦ୍ଧାରକାରୀ ଦଳକୁ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨୪।୭(ଡି.ଏନ୍.ଏ.): ଜି.ଉଦୟଗିରି ସହରର ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ କେତେଜଣ ଯୁବକ ସ୍ୱେଚ୍ଛାକୃତ ଭାବେ ଆଖପାଖ ଅଞ୍ଚଳରେ କାହା ଘରେ ସାପ ପଶିଥିଲେ ଉଦ୍ଧାର କରନ୍ତି। ସେମାନଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ରବିବାର ସ୍ନେକ୍ ହେଲ୍ପଲାଇନ ଟିମ୍‌ର ସଦସ୍ୟମାନଙ୍କୁ ୱାର୍ଡ ସଙ୍ଗଠନର ସମ୍ପାଦକ ଆଶୁତୋଷ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ୱାର୍ଡ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ ଏବଂ ନିମନ୍ତ୍ରିତ ଅତିଥି ଭାବେ ଡ. ସତ୍ୟନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପତି, ଖବରଦାତା ସମୀର ପାଢ଼ୀ ଯୋଗଦେଇଥିଲେ। ସମସ୍ତ ଅତିଥି ବିନା କୌଣସି ଶୁଳ୍କରେ ସାପ ଉଦ୍ଧାରକାରୀ ଦଳ ସହର ଓ ଆଖପାଖ ଅଞ୍ଚଳରେ ବିଷାକ୍ତ ସାପଗୁଡ଼ିକୁ ଉଦ୍ଧାର କରି ମଣିଷ ଜୀବନ ସହ ସାପ ଜୀବନ ରକ୍ଷା କରିବା ଏକ ଭଲ କାମ କହି ପ୍ରଶଂସା କରିବା ସହ ଯେକୌଣସି ପ୍ରାଣୀର ଜୀବନ ବଞ୍ଚାଇବା ଏକ ମହାନ୍ କାର୍ଯ୍ୟ ବୋଲି କହିଥିଲେ ଓ ସାପ ଉଦ୍ଧାର ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସ୍ନେକ୍ ହେଲ୍ପଲାଇନ ଦଳର ଜଗନ୍ନାଥ ନାୟକ, ସୋମନାଥ ପ୍ରଧାନ, ପ୍ରବୀଣ ନାୟକ, ଅନିଲ କୁଆର ମହାପାତ୍ର, ଅଭୟ ଯୁଣ୍ଡି, ବାପୁନି ଆର୍ଯ୍ୟେଲି, ରାଜୀବ ଲୋଚନ ଦଳବେହେରା, ବିବେକାନନ୍ଦ ପ୍ରଧାନ, ଜିତେନ୍ଦ୍ର ପୃଷ୍ଟି, ଶ୍ରୀଚରଣ ଦଳବେହେରା ଓ ଜିତେନ୍ଦ୍ର କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାସ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଉଁଶ ପାତିଆରେ ମେଣ୍ଟୁଛି ଶୋଷ

ଫୁଲବାଣୀ ଅଫିସ, ୨୪।୭

ଗ୍ରାମାଞ୍ଚଳ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମାଳ ମାଳ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଆଦି ଯେପରି ଲୋକଙ୍କୁ ହାତପାଆନ୍ତାରେ ମିଳିପାରିବ ସେନେଇ ରାଜକୋଷରୁ ପାଣି ପରି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ବାସ୍ତବରେ ତାହା କେତେକ କ୍ଷେତ୍ରରେ ଭିନ୍ନ ପରିଲକ୍ଷିତ ହେଉଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ଘର ପାଖରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହି ଯୋଜନା ଅନେକ ଗ୍ରାମରେ ଫେଲ୍ ମାରିଛି। ଆଜି ବି ଏପରି ଗ୍ରାମ ଅଛି, ଯେଉଁଠି ଲୋକେ ପିଇବା ପାଣି ପାଇଁ ଚୁଆ ଓ ଝରଣା ଉପରେ ନିର୍ଭର କରୁଛନ୍ତି। ଝରଣା ପାଣିକୁ ବାଉଁଶ ପାତିଆରେ ସଂଗ୍ରହ କରି ନିଜର ଶୋଷ ମେଣ୍ଟାଉଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ପିଶୁପଦର ଗ୍ରାମର ଚୁଆ ସାହି ଓ ଜାଗିପଦରରେ।

ଫୁଲବାଣୀ ସହରରୁ ଅଳ୍ପ କେଇଦୂର ଏହି ଗ୍ରାମ। କିନ୍ତୁ ବିକାଶର ସୂର୍ଯ୍ୟାଲୋକ ଏହି ଗାଁରେ ପଡ଼ିନାହିଁ। ଗ୍ରାମରେ ଅଛନ୍ତି ପ୍ରାୟ ୨୦୦ ପରିବାର। ପିଇବା ପାଇଁ



ମହିଳାମାନେ ଝରଣା ପାଣିକୁ ବାଉଁଶ ପାତିଆ ସାହାଯ୍ୟରେ ସଂଗ୍ରହ କରୁଛନ୍ତି।

ସେମାନେ ବହୁଦୂରରେ ଥିବା ଚୁଆ ଓ ଝରଣା ଉପରେ ନିର୍ଭର କରୁଛନ୍ତି। ଝରଣା ପାଣିକୁ ଏକ ବାଉଁଶ ପାତିଆ ସାହାଯ୍ୟରେ ଆଣି ଗରା, ବାଲ୍‌ଟିରେ ସଂଗ୍ରହ କରୁଛନ୍ତି। ଗ୍ରାମରେ ଥିବା ଗୋଟିଏ ନଳକୂପ ଅଚଳ ଥିବାବେଳେ କୂଅ ଗୋଟେ ପରିତ୍ୟକ୍ତ ଅବସ୍ଥାରେ ଅଛି। ତେଣୁ ଦୂଷିତ ଝରଣା ପାଣି ପିଇବାକୁ ଗ୍ରାମବାସୀ ବାଧ ହେଉଛନ୍ତି।

**ପଡ଼ିନି ବିକାଶର ସୂର୍ଯ୍ୟାଲୋକ**

ଗାଧୋଇବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଏହି ପାଣି ବ୍ୟବହାର କରିବାକୁ ପଡୁଛି ବୋଲି ଗ୍ରାମର ରମେଶ ଚନ୍ଦ୍ର କହଁର, ଅଶୋକ କହଁର, ସମ୍ବିତ କହଁର, ଜୋକାଇ କହଁର ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଲୋକେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଏବଂ ବିଧାୟକଙ୍କୁ ଗୁହାରି କରିଥିଲେ ମଧ ସମାଧାନ ହୋଇପାରୁନାହିଁ । ନିର୍ବାଚନ ଆସିଲେ ସବୁ ସମସ୍ୟାର ସମାଧାନ କରିଦିଆଯିବ ବୋଲି କେବଳ ମିଛ ପ୍ରତିଶ୍ରୁତି ମିଳିଥାଏ। ହେଲେ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଏ। ପୁଣି ଯେଉଁ ସମସ୍ୟାକୁ ସେହି ସମସ୍ୟା ଭୋଗିଥାନ୍ତି ଗ୍ରାମବାସୀ। ଏନେଇ ମିଣିଆ ସରପଞ୍ଚ ଗୌତମ ମଲ୍ଲିକଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ନିର୍ବାଚିତ ହୋଇଛି । ସମସ୍ୟା ସମ୍ପର୍କରେ ଅବଗତ ନାହିଁ । ଗ୍ରାମବାସୀ ମୋତେ କିଛି ଜଣାଇନାହାନ୍ତି । ଆଗାମୀ ଦିନରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ୮ ଉଚ୍ଚ ବିଦ୍ୟାଳୟରେ ଖୋଲିବ ଯୁକ୍ତ ୨ କଳା

**ଗଞ୍ଜାମ ଜିଲା**

ଭଞ୍ଜନଗର,୨୪।୭(ଡି.ଏନ.ଏ)

ରାଜ୍ୟର ୫୭ଟି ଉଚ୍ଚ ବିଦ୍ୟାଳୟ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ସମଗ୍ର ଶିକ୍ଷା ଯୋଜନାରେ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଗତ ୧୯ ତାରିଖରେ ଏହାକୁ ଅନୁମୋଦନ ଦେଇଛନ୍ତି। ଏସବୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ, ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ କେବଳ କଳା ବିଭାଗ ଖୋଲିବ। ରାଜ୍ୟର ଏହି ୫୭ ବିଦ୍ୟାଳୟ ମଧ୍ୟରେ ଗଞ୍ଜାମ ଜିଲାର ୮ଟି ରହିଛି। ସେଗୁଡିକ ହେଲା ଭଞ୍ଜନଗର ବ୍ଲକ ମୁଜାଗଡ଼ ହାଇସ୍କୁଲ, ବୁଗୁଡ଼ା ବ୍ଲକ କରଚୁଲିର ସଙ୍କୁତଲା ବିଦ୍ୟାପୀଠ, ବୋରିପଦର ହାଇସ୍କୁଲ, ଜଗନ୍ନାଥପ୍ରସାଦ ବ୍ଲକ କଳିଙ୍ଗପଦର ଏଏନ ଏ ହାଇସ୍କୁଲ, ବରିଡ଼ା ଶ୍ରୀଦଧିବାମନ ହାଇସ୍କୁଲ, ଖୋଜାପଲ୍ଲୀ ସରକାରୀ ହାଇସ୍କୁଲ, ବରୋଦା ଉନ୍ନିତ ହାଇସ୍କୁଲ ଓ ନୂଆଗଡ଼ ଜେଜେ ବିଦ୍ୟାପୀଠ। ଚଳିତ ଆର୍ଥିକ ବର୍ଷରେ ଉକ୍ତ ବିଦ୍ୟାଳୟ ପିଛା ୯୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଯୋଜନା ଅଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରି ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକୁ ଖୋଲିବେବୋଲି ଜଣାପଡିଛି।

# ଆଇ ଲଭ୍ ଭଞ୍ଜନଗର ସ୍ମାରକୀ ଉନ୍ମୋଚିତ




ଆଇ ଲଭ ଭଞ୍ଜନଗର ସ୍ମାରକୀ।

ଭଞ୍ଜନଗର,୨୪।୭(ଡି.ଏନ.ଏ)

ଆଇ ଲଭ ଭଞ୍ଜନଗର ସ୍ମାରକୀ ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଆଇ ଲଭ ଭଞ୍ଜନଗର ସ୍ମାରକୀ ଟି ଅନ୍ୟ ସହର ଅପେକ୍ଷା ଅଲଗା ଅଛି। ଯାହାକି ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବହୁଦିନ ହେବ ଉକ୍ତ ସ୍ମାରକୀ ନିର୍ମାଣ ପାଇଁ ବିଭିନ୍ନ ବ୍ୟକ୍ତି ଏବଂ ଅନୁଷ୍ଠାନ ପକ୍ଷରୁ ଦାବି ହୋଇ ଆସୁଥିଲା। ଏହାପରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ତାହା ସ୍ଥାପିତ ହେବା ସହ ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀଙ୍କ ସମେତ ବହୁ ବ୍ୟକ୍ତି, ନେତା, ଅଫିସର ଉପସ୍ଥିତ ଥିଲେ।

## ଟିପିସର ନାଳର ପୁନରୁଦ୍ଧାର

ଆସିକା, ୨୪।୭(ଡି.ଏନ୍.ଏ.)

ଆସିକା ଏନ୍ଏସିର ବାଣୀବିହାର ନିକଟରେ ରବିବାର ଟିପିସର ନାଳର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଏନ୍ଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଯୁବନେତା ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବହୁ କାଉନ୍‌ସିଲର ସାମିଲ ଥିଲେ। ଆସିକା ସହରର ଉଦ୍‌ବୃତ ଜଳ ନିଷ୍କାସନ ଲାଗି ରହିଥିବା ଟିପିସର ନାଳ ପୋତିହୋଇ ଯାଉଥିବା ଓ ଦଳପୂର୍ଣ୍ଣ ରହୁଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ଏହାର ସମାଧାନ ଲାଗି ପ୍ରାଥମିକ ସ୍ତରରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ସହରର ଉଦ୍‌ବୃତ ଜଳ ଏହି ନାଳ ଦ୍ୱାରା ନିଷ୍କାସିତ ହୋଇ ନ ପାରି ସହରାଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ ଟିପିସର ନାଳ ପରିସ୍ଥିତି ଅନୁଧ୍ୟାନ କରି ସ୍ଥାୟୀ ସମାଧାନ ଲାଗି ବିସ୍ତୃତ ଯୋଜନା ପ୍ରସ୍ତୁତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ

**ପ୍ରଧାନ ଶିକ୍ଷୟିତ୍ରୀ-ସାହିବାସିନ୍ଦା ମୁହାଁମୁହିଁ**



ପ୍ରଧାନ ଶିକ୍ଷୟିତ୍ରୀ–ସାହିବାସିନ୍ଦାଙ୍କ ମଧ୍ୟରେ ଆଲୋଚନା

ରମ୍ଭା, ୨୪।୭(ଡି.ଏନ୍.ଏ)

ରମ୍ଭା ସହରାଞ୍ଚଳର ଛାମୁସାହିରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନ ବନ୍ଦକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଓ ସାହିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ମଧ୍ୟାହ୍ନଭୋଜନ ବନ୍ଦ ହୋଇଥିବା ଖବର ପାଇ ସାହିବାସିନ୍ଦା ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ଦେବୀଙ୍କୁ ପଚାରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାହିବାସିନ୍ଦାଙ୍କ ପ୍ରଶ୍ନରେ ଠିକ୍ ଜବାବ ନଦେଇ ଇଆଡୁସିଆଡୁ କହିଥିଲେ। ପରେ ବିସ୍କୁଟ ଆଣିଥିଲେ କିନ୍ତୁ ଦିଆଯାଇନାହିଁ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସାହିବାସିନ୍ଦା ଉପରିସ୍ତ ଅଧିକାରୀଙ୍କୁ ଜଣାଇଥିଲେ। ସିଆରସିସି ଲୋକନାଥ ବେହେରା, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ମୁନା ସ୍ୱାଇଁ, ବାନାମ୍ବର ସେଠ, ଦୁର୍ଗାପ୍ରସାଦ ମହାରଣା, କାଉନସିଲର ଅଭିନାଥ ବେହେରା ଓ ସରୋଜିନୀ ସେନାପତି ପ୍ରମୁଖ ପହଞ୍ଚି ଅଭିଭାବକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। କୁନି କୁନି ଛୁଆଙ୍କ ଥାଳିରୁ ଭାତ କାହିଁକି ଛଡାଇ ନେଲେ ବୋଲି ସାହିବାସିନ୍ଦା ପ୍ରଶ୍ନ କରିଥିଲେ। କିନ୍ତୁ ମଧ୍ୟାହ୍ନଭୋଜନ ବନ୍ଦ କରିବାର କାରଣ କଣ ସେ ନେଇ କୌଣସି ନିର୍ଯାସ ବାହାରିପାରିନଥିଲା। ଏ ନେଇ ଗଞ୍ଜାମ ବ୍ଲକ ବିଇଓ ଭାଗିରଥି ବେହେରାଙ୍କୁ ପଚାରିବାରୁ ଏପରି ଘଟଣା ମୋ ନଜରକୁ ଆସିନାହିଁ, ଯଦି ଘଟିଛି ନିଜେ ମୁଁ ଏହାର ଦାୟିତ୍ୱ ନେଇ ସଠିକ ସମୟରେ ଠିକଣା ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରକାଶ କରିଛନ୍ତି।

# ସେଲସ୍ ରିପ୍ରେଜେଣ୍ଟେଟିଭ ବ୍ରହ୍ମପୁର ଶାଖାର ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୪।୭

ଓଡିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ରବିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଲକ୍ଷ୍ମଣ ନାୟକ ସଂଘର ପତାକା ଉତ୍ତୋଳନ କରି ସମ୍ମିଳନୀ ଆରମ୍ଭ କରିଥିଲେ। ଭେଷଜ ବିଶେଷଜ୍ଞ ନିହାର ରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଔଷଧ ସମ୍ବନ୍ଧୀୟ ଭୁଲ ନୀତି ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଯୋଗଦେଇ ଔଷଧ ଉପରେ ୦% ଜିଏସ୍‌ଟି, ଅତ୍ୟାବଶ୍ୟକ ଔଷଧ ମୂଲ୍ୟ ନିର୍ଦ୍ଧାରଣ ଆଦି ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ସଭାପତି ମହେନ୍ଦ୍ର ସାହୁ, ସିଆଇଟିୟୁର ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବିଇଏଫଆଇର ସୁନେଜ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୃସିଂହ ପ୍ରସାଦ ବ୍ରହ୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

# ଝିଅକୁ କୀଟନାଶକ ପିଆଇ ବାପା ଗିରଫ

**ଦିବ୍ୟାଙ୍ଗ ବୋଲି ହୋଇପାରୁ ନ ଥିଲା ବିବାହ**

ଗୋପାଳପୁର,୨୪।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଦିବ୍ୟାଙ୍ଗ ଝିଅର ବିବାହ ହୋଇପାରୁ ନ ଥିବାରୁ ବାପା କୀଟନାଶକ ପିଆଇ ଦେଇଛନ୍ତି। ଝିଅ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ମା'ଙ୍କ ଏତଲା ପ୍ରକାରେ ପୋଲିସ ରବିବାର ବାପାଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବାପା ହେଲେ ଏହି ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ଇ. ବାଲାଜି ପାତ୍ର (୬୫)।

ପ୍ରକାଶ ଯେ, ବାଲାଜିଙ୍କ ୫ ଝିଅ ଥିବା ବେଳେ ୪ଜଣଙ୍କ ବିବାହ ହୋଇଯାଇଛି। କିନ୍ତୁ ବଡ଼ ଝିଅ ଇ.ଦାଲାମ୍ମା ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କର ବିବାହ ହୋଇନଥିଲା। ଏଥିପାଇଁ ବାଲାଜି ସବୁବେଳେ ଝିଅକୁ ମାଡ଼ ମାରି ଗାଳିଗୁଲଜ କରୁଥିଲେ। ପରବର୍ତ୍ତୀ ସମୟରେ ଦାଲାମ୍ମା



ଗିରଫ ଅଭିଯୁକ୍ତ ବାପା।

କେରଳ ରାଜ୍ୟକୁ ଯାଇ ଏକ ଘରୋଇ କମ୍ପାନୀରେ ସିଲେଇ କାମ କରୁଥିଲେ। ଗତ ୧୪ ତାରିଖରେ ଦାଲାମ୍ମା ଘରକୁ ଫେରିଥିଲେ। ସେ ଫେରିବା ପରେ ମଧ ବାପା ତାଙ୍କୁ ମାରପିଟ କରୁଥିଲେ। ଗତ ୧୯ ତାରିଖରେ ଦାଲାମ୍ମା ଘରେ ଥିବା ବେଳେ ମା'କୌଣସି କାମ ନେଇ ବାହାରକୁ ଯାଇଥିଲେ ଓ ଭାଇ ଘରେ ଶୋଇଥିଲେ। ବାପା ଏହାର ସୁଯୋଗ ନେଇ ଉପର ଘରେ ଏକ ଖଟରେ ଝିଅକୁ ହାତ ବାନ୍ଧି କୀଟନାଶକ ଔଷଧ ଜୋରଜବରଦସ୍ତ ପିଆଇ ଦେଇଥିଲେ। ଝିଅର ପାଟି ଶୁଣି ମା'ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ମାଆ ଓ ଭାଇ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏ ନେଇ ଶନିବାର ମା' ଇ.ପାର୍ବତୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୫୯/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଇ.ବାଲାଜି ଗ୍ରାମରେ ବୁଲୁଥିବା ବେଳେ ପୋଲିସ ରବିବାର ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

## ଶିକ୍ଷକ ସୌରଭ ସମ୍ମାନ ଉତ୍ସବ

ବୁଗୁଡ଼ା,୨୪।୭(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ସୌରଭ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ସଂଘ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ରଜନୀକାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଆପଟ, ମଧୁସୂଦନ ପ୍ରଧାନ, ଅଭିମନ୍ୟୁ ବିଷୋୟୀ ଓ ଗୋଦାବରୀଶ ଖାଡ଼ଙ୍ଗାଙ୍କୁ ଶିକ୍ଷକ ସୌରଭ ସମ୍ମାନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଇଓ ପ୍ରସନ୍ନ କୁମାର ବେହେରା, ପ୍ରାକ୍ତନ ବିଇଓ ନୀଳମାଧବ ଷଡ଼ଙ୍ଗୀ, ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ବିପିନ ବିହାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା ଭାଜପା ଯୁବମୋର୍ଚ୍ଚା

**ନବମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା**

ଫୁଲବାଣୀ ଅଫିସ, ୨୪।୭

ନବମ ଶ୍ରେଣୀର ଜଣେ ଆଦିବାସୀ ଛାତ୍ରୀଙ୍କୁ ଗଣ ବଳାତ୍କାର ପରେ ହତ୍ୟା କରାଯାଇଛି । ପୋଲିସ ଜାଣିଶୁଣି ଏହାକୁ ଚପାଇ ଦେଇଛି । ତଦନ୍ତକାରୀ ଅଧିକାରୀ ପୀଡ଼ିତାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାକୁ ଗ୍ରହଣ କଲେନି। ଘଟଣାର ୨୦ଦିନ ପରେ ଜଣେ ପୋଲିସ ଅଧିକାରୀ ପରିବାର ଉପରେ ଚାପ ପକାଇ ଏତଲା ଲେଖିଲେ । ଏ ପର୍ଯ୍ୟନ୍ତ ନାବାଳିକାଙ୍କ ପରିବାରକୁ ବ୍ୟବଚ୍ଛେଦ ରିପୋର୍ଟ ଦିଆଯାଇନାହିଁ । ବାରମ୍ବାର ଚାପ ପଡିବା ପରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। କିନ୍ତୁ ଯେଉଁ ଭିଡିଓ ଭାଇରାଲ ହେଉଛି ସେଥିରେ ଥିବା ଅନେକଙ୍କୁ ପୋଲିସ ଗିରଫ କରୁନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତକାରୀ ଅଧିକାରୀଙ୍କୁ ଥାନାରୁ




ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା।

ହଟାଇବା ଏବଂ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ନଚେତ ରାଜ୍ୟସ୍ତରରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁହାଯାଇଛି।

ରାଜ୍ୟ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶକ୍ରମେ ଭାଜପା ଯୁବମୋର୍ଚ୍ଚାର ଏକ ଫ୍ୟାକ୍ଟ ଫାଇଣ୍ଡି ଟିମ୍ ଆସି ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟିଥିଲେ । ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି । ତୁରନ୍ତ ଦୋଷୀଙ୍କୁ ଗିରଫ କରିବାକୁ ସେମାନେ ଦାବି ଉପସ୍ଥାପନ କରିଥିଲେ। ପରେ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମିଶ୍ର, ଜିଲା ଯୁବ ମୋର୍ଚ୍ଚା ପ୍ରଭାରୀ ନାରାୟଣ କର୍ମୀ, ରାଜ୍ୟ ସାଧାରଣ ସମ୍ପାଦକ ଅଭୟ ପାତ୍ର, ଜିଲା ଉପସଭାପତି ସୁଧାଂଶୁ ଗୁରୁ, ରାଜ୍ୟ ସଂଯୋଜକ ଅଭିଷେକ ସାମନ୍ତରାୟ, ଜିଲା ଯୁବମୋର୍ଚ୍ଚା ସଭାପତି ଗୋଲକ କହଁର, ଜିଲା ଉପସଭାପତି ରମେଶ ମହାନ୍ତି ପ୍ରମୁଖ ଯୋଗଦେଇ ଉପରୋକ୍ତ ଦାବି କରିଥିଲେ। ସୂଚନାଯୋଗ୍ୟ, ଛାତ୍ରୀ ମୃତ୍ୟୁ ଘଟଣାରେ ମୋଟ ୧୦ ଜଣଙ୍କୁ ଗିରଫ ହୋଇଛନ୍ତି। ଛାତ୍ରୀଙ୍କୁ ମାଡ ମାରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ବଳାତ୍କାର କରିବା ଆଦି ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି ।

